# ଇବ୍ କ୍ଲବ୍‌ରେ ନୂଆଁଖାଇ ଭେଟ୍

ଇବ୍‌ଥର୍ମାଲ,୨୦।୧୦(ଇମିସ): ବନହରପାଲି ଇବ୍‌କ୍ଲବ୍‌ଠାରେ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ପାଳିତ ହୋଇଯାଇଛି । ପ୍ରାରମ୍ଭରେ 'ମା' ସମଲେଇଙ୍କ ଆରାଧନା କରାଯାଇ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟବକ୍ତା ଶ୍ରୀବତ୍ସ ସାହୁ ନୂଆଁଖାଇର ମାହାତ୍ମ୍ୟ ବର୍ଣନା କରିଥିଲେ । ଇବ୍‌ଥର୍ମାଲ ପ୍ଲାଣ୍ଟର ପରିଚାଳକ ପି.କେ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଇବ୍‌ଥର୍ମାଲ ଚିକିତ୍ସାଳୟର ମୁଖ୍ୟ ଡା ବିଜୟଲାଲ ବିଶ୍ୱାଳ ଯୋଗ ଦେଇଥିଲେ । ଶିବ ପତି ମଂଚ ପରିଚାଳନା କରିଥିଲେ । ସମ୍ବଲପୁରର 'କଳା ଓ କଳାକାର' ପକ୍ଷରୁ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା । ଇବ୍‌ଥର୍ମାଲର କୁନି କୁନି ପିଲାମାନେ ସଂଗୀତ ପରିବେଷଣ କରିଥିଲେ । କ୍ଲବ୍ ତଥା ଇବ୍‌ଥର୍ମାଲ ପ୍ଲାଣ୍ଟର ବହୁ ବରିଷ୍ଠ ଅଧିକାରୀ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କ୍ଲବ୍‌ର ସଂପାଦକ ପରିମେଶ୍ୱର ସା, ସାଂସ୍କୃତିକ ସଂପାଦକ ଅକ୍ଷୟ ହାତୀ, କ୍ରୀଡ଼ା ସଂପାଦକ ଦିଲୀପ ପ୍ରଧାନ, ସହ ସଂପାଦକ ଦିଲୀପ ଠାକୁର ପ୍ରମୁଖ ସହଯୋଗ କରିଥିଲେ ।